# ଓଡିଶା ସୂଚନା ଅଧିକାର ନିୟମାବଳୀର ପ୍ରସ୍ତାବିତ ସଂଶୋଧନ - ମହରଗରୁ କାନ୍ତାର !

## କେନ୍ଦ୍ରୀୟ ଆଇନ୍ ବନାମ ରାଜ୍ୟ ନିୟମାବଳୀ

ଏହା ଏକ ଜଣାଶୁଣା କଥା ଯେ, ଓଡିଶା ସୂଚନା ଅଧିକାର ନିୟମାବଳୀର ବେଆଇନ୍, ଜନବିରୋଧୀ ତଥା ବିଭ୍ରାନ୍ତିକର ଚରିତ୍ର ତଥା ରାଜ୍ୟ ସୂଚନା କମିଶନ୍‌ଙ୍କ ଅପାରଗତା ଓ ମନମୁଖୀ ତଥା ଆଇନ୍-ବହିର୍ଭୁତ ବୟାନ୍ ଓ କାର୍ଯ୍ୟଧାରା ଯୋଗୁଁ ଏହି ରାଜ୍ୟରେ ସୂଚନା ଅଧିକାର ଆଇନ୍ ବିପଥଗାମୀ ହୋଇ ମୋଟାମୋଟି ଭାବେ କବର ନେବାକୁ ବସିଛି । କେନ୍ଦ୍ରୀୟ ନିୟମାବଳୀ ଓ ଅନ୍ୟ ବହୁ ରାଜ୍ୟଗୁଡିକର ନିୟମାବଳୀ ମୋଟାମୋଟି ଭାବେ ମୂଳ ଆଇନ୍‌ର ଅନୁକୂଳ ତଥା ନାଗରିକ-ପ୍ରିୟ ହୋଇଥିବାରୁ ସେସବୁ ସ୍ତରରେ ସାଧାରଣ ଲୋକେ ଏହାର ବହୁଳ ଉପଯୋଗ କରି ନିଜେ ଉପକୃତ ହେବା ସହିତ ବିଭିନ୍ନ ସ୍ତରର ଶାସନ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ କରିବାରେ ସହାୟକ ହୋଇପାରୁଛନ୍ତି । ଅଥଚ ଓଡିଶା ଏକମାତ୍ର ରାଜ୍ୟ, ଯେଉଁଠି ସୂଚନା ଅଧିକାର ଆଇନ୍ ଅଧୀନରେ ବିସ୍ତୃତ ନିୟମାବଳୀ ତଥା ଦେଶର ସବୁଠୁଁ ବ୍ୟୟବହୁଳ ରାଜ୍ୟ କମିଶନ୍ ଥିବା ସତ୍ତ୍ୱେ ଏଠାରେ କେବଳ ସ୍ୱଳ୍ପ-ସଂଖ୍ୟକ ଉଚ୍ଚଶିକ୍ଷିତ ବ୍ୟକ୍ତିମାନଙ୍କୁ ଛାଡିଦେଲେ ସାଧାରଣ ଲୋକେ ଏହାର ପ୍ରୟୋଗ କରିବା ଏବେ ବି ଏକ ଦୁରୂହ ବ୍ୟାପାର ହୋଇରହିଛି; ସୂଚନା ଅଧିକାର ବଳରେ ଦୁର୍ନୀତିର ପର୍ଦ୍ଦାଫାସ୍ ହେବା ଦୂରର କଥା । ସୁତରାଂ ମୂଳ ଆଇନ୍ ଅଧୀନରେ ପ୍ରଚଳିତ ଓଡିଶା ନିୟମାବଳୀର ସଂଶୋଧନ ଅପରିହାର୍ଯ୍ୟ, ଏହା ନିସନ୍ଦେହ ।

## ସଂଶୋଧନର ଉଦ୍ୟୋକ୍ତାଗଣ

ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗର ୱେବ୍‌ସାଇଟ୍ ସୂତ୍ରରୁ ପ୍ରାପ୍ତ ବିବରଣୀରୁ ଜଣାପଡେ, ଏହା ଭିତରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସୂଚନା ଓ ଲୋକସଂପର୍କ ବିଭାଗର କମିଶନର୍-ସଚିବ ତଥା ରାଜ୍ୟ ସୂଚନା ଅଧିକାରର ମୁଖ୍ୟ ସଂଯୋଜକ ଅଧିକାରୀ ଶ୍ରୀ ଆର୍.ଏନ୍.ଦାଶଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ ଓଡିଶା ସୂଚନା ଅଧିକାର ନିୟମାବଳୀ, ୨୦୦୫ ଏବଂ ଓଡିଶା ସୂଚନା କମିଶନ୍ (ଅପିଲ୍ ପଦ୍ଧତି) ନିୟମାବଳୀ , ୨୦୦୬ର ସଂଶୋଧନ ପାଇଁ ବିଚାରବିମର୍ଷ ସକାଶେ ଦୁଇଥର ବୈଠକ ବସିସାରିଲାଣି । ୧ମ ବୈଠକ ୧୮ ନଭେମ୍ବର ଓ ୨ୟ ବୈଠକ ୨୭ ନଭେମ୍ବର ୨୦୦୯ରେ ବସିଥିଲା । ପ୍ରଥମ ବୈଠକରେ ସଭ୍ୟ ଭାବେ ଉପସ୍ଥିତ ଥିଲେ ଆଇନ୍ ବିଭାଗର ଅତିରିକ୍ତ ସଚିବ ଡକ୍ଟର ଡି.ପି.ଚୌଧୁରୀ, ପୂର୍ବତନ ଆଡ୍‌ଭୋକେଟ୍ ଜେନେରାଲ୍ ( ? ) ଶ୍ରୀ ଯତୀନ୍ଦ୍ର ମୋହନ ମହାନ୍ତି, ସୂଚନା ଓ ଲୋକସଂପର୍କ ନିର୍ଦ୍ଦେଶକ ଶ୍ରୀ ବି.ପି. ମହାନ୍ତି, ଓ ରାଜ୍ୟ ସୂଚନା ଅଧିକାରର ମୁଖ୍ୟ ତଦାରଖ (ମନିଟରିଂ) ଅଧିକାରୀ ଶ୍ରୀ ବି.ବିଶ୍ୱାଳ । ୨ୟ ବୈଠକରେ ଶ୍ରୀ ବି.ପି.ମହାନ୍ତି ନଥିଲେ, କିନ୍ତୁ ଉପସ୍ଥିତ ଥିଲେ ଅବସରପ୍ରାପ୍ତ ରାଜ୍ୟ ସୂଚନା କମିଶନର୍ ପ୍ରଫେସର୍ ରାଧାମୋହନ । ଉଭୟ ବୈଠକର ଆବାହକ ଥିଲେ ମୁଖ୍ୟ ତଦାରଖ ଅଧିକାରୀ ଶ୍ରୀ ବି.ବିଶ୍ୱାଳ ।

## ପରାମର୍ଶଦାତା କିଏ ?

ପ୍ରାପ୍ତ ବିବରଣୀରୁ ପୁଣି ଜଣାପଡେ, ଆବାହକ ପ୍ରଥମେ କମିଟି ସମ୍ମୁଖରେ ରାଜ୍ୟ ସୂଚନା କମିଶନ୍‌ଙ୍କ ସୁପାରିଶ୍ ସହିତ ରାଜ୍ୟରେ ସୂଚନା ଅଧିକାର ପାଇଁ କାର୍ଯ୍ୟରତ ବିଭିନ୍ନ ବ୍ୟକ୍ତି ଓ ସଂଗଠନମାନଙ୍କ ମତାମତକୁ ଉପସ୍ଥାପନ କରିଥିଲେ, ଯାହାକୁ ଭିତ୍ତି କରି କମିଟି ସଂଶୋଧନ ପ୍ରସ୍ତାବଗୁଡିକୁ ସର୍ବସମ୍ମତି କ୍ରମେ ଚୂଡାନ୍ତ କରିଥିଲେ । କିନ୍ତୁ କେଉଁ ବ୍ୟକ୍ତିବିଶେଷ ଓ ସଂଗଠନମାନଙ୍କର ମତାମତକୁ ସେମାନେ ବିଚାରବିମର୍ଷ କରିଥିଲେ, ସେ ବିଷୟରେ କୌଣସି ତଥ୍ୟ ଉକ୍ତ ବିବରଣୀରେ ନାହିଁ । ଏହି ବିଷୟ ଉତ୍‌ଥାପନ କରିବାର ଏକ ବିଶେଷ ତାତ୍ପର୍ଯ୍ୟ ରହିଛି, କାରଣ ଓଡିଶା ଖାଦ୍ୟ ଅଧିକାର ଅଭିଯାନ ଓ ଏହା ସହିତ ସଂଶ୍ଳିଷ୍ଟ ବହୁ ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ତରଫରୁ ଅତୀତରେ ରାଜ୍ୟ ନିୟମାବଳୀ ୨୦୦୫ର ବହୁ ବ୍ୟବସ୍ଥା କିପରି ମୂଳ ଆଇନ୍‌ର ପରିପନ୍ଥୀ ତଥା ଜନବିରୋଧୀ, ତାହ ଦର୍ଶାଇବା ସହିତ ସେଗୁଡିକର ଉପଯୁକ୍ତ ସଂଶୋଧନ ପାଇଁ ପ୍ରସ୍ତାବମାନ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କମିଶନ୍‌ଙ୍କୁ ବିଭିନ୍ନ ସମୟରେ ସ୍ମାରକପତ୍ର ଦେଇ ଆସିଛନ୍ତି, ଯାହାକି ଉକ୍ତ କମିଟିଙ୍କ ସଂଶୋଧନ ଖସଡାରେ ପ୍ରତିଫଳିତ ହୋଇନାହିଁ । ଅଳ୍ପ କେତୋଟି ଗୌଣ ଅଥଚ ଅଧପନ୍ତରିଆ ସଂଶୋଧନକୁ ବାଦ୍ ଦେଲେ ସରକାରଙ୍କ ପ୍ରସ୍ତାବିତ ସଂଶୋଧନ ମୋଟ ଉପରେ ରାଜ୍ୟ ନିୟମାବଳୀକୁ ଅଧିକ ଆଇନ୍-ପରିପନ୍ଥୀ ଓ ଜନବିରୋଧୀ କରିବାକୁ ଯାଉଛି ।

## ବିହିତ ପ୍ରକ୍ରିୟାର ଉଲ୍ଲଂଘନ

ସୂଚନା ଅଧିକାର ଆଇନ୍ ୨୦୦୫ ଏକ କେନ୍ଦ୍ରୀୟ ତାଲିକାର ଆଇନ୍ ଭାବେ ସଂସଦ ଦ୍ୱାରା ପ୍ରଣୀତ ହୋଇଥିଲା । ଗୋଟିଏ କେନ୍ଦ୍ରୀୟ ଆଇନ୍ ଅଧୀନରେ କେନ୍ଦ୍ର ବା ରାଜ୍ୟମାନଙ୍କ ଦ୍ୱାରା ନିୟମାବଳୀର ପ୍ରଣୟନ ବା ସଂଶୋଧନ କରିବାକୁ ହେଲେ, ସେଥିପାଇଁ ସୁପ୍ରଚଳିତ ଜେନେରାଲ୍ କ୍ଲଜେସ୍ ଆଇନ୍ ୧୮୯୭ର ଧାରା-୨୩ ଅନୁଯାୟୀ ସଂପୃକ୍ତ କର୍ତ୍ତୃପକ୍ଷ ପ୍ରଥମେ ଚିଠା-ପ୍ରସ୍ତାବ ସହିତ ସ୍ୱତନ୍ତ୍ର ଭାବେ ଏକ ବିଜ୍ଞପ୍ତି (ନୋଟିସ୍) ଜାରି କରି ଏକ ନିର୍ଦ୍ଦିଷ୍ଟ ତାରିଖ ଭିତରେ ସର୍ବସାଧାରଣଙ୍କ ମତାମତ ଲୋଡିବେ ଏବଂ ପ୍ରାପ୍ତ ମତାମତକୁ ଭିତ୍ତି କରି ଚିଠା-ପ୍ରସ୍ତାବକୁ ଚୂଡାନ୍ତ ରୂପ ଦେବେ । କିନ୍ତୁ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ୱେବ୍‌ସାଇଟ୍‌ରେ ପ୍ରସାରିତ ହୋଇଥିବା କେବଳ ଏକ ଚିଠା-ପ୍ରସ୍ତାବ ଛଡା ଏକ ନିର୍ଦ୍ଦିଷ୍ଟ ତାରିଖ ଭିତରେ ଜନମତ ଲୋଡାଯାଇ କୌଣସି ବିଜ୍ଞପ୍ତି ଜାରି କରାଯାଇନାହିଁ । ଏଠାରେ ଉଲ୍ଲେଖନୀୟ ଯେ, ରାଜ୍ୟ ସରକାର ଜନମତ ପାଇଁ ନୋଟିସ୍ ସହିତ କୌଣସି ଚିଠା-ପ୍ରସ୍ତାବ ଜାରି ନକରି ସୂଚନା ଅଧିକାର ନିୟମାବଳୀ ୨୦୦୫କୁ ମନମୁଖୀ ଭାବେ ୧ ଅକ୍ଟୋବର ୨୦୦୫ରେ ସିଧାସଳଖ ଗେଜେଟ୍‌ରେ ବିଜ୍ଞପ୍ତି

କରିଦେଇଥିବାରୁ, ଏପର୍ଯ୍ୟନ୍ତ ଏହାକୁ ଏକ ଅବୈଧ ଦଲିଲ୍ ବୋଲି ଦେଶର ବରିଷ୍ଠ ସୂଚନା ଅଧିକାର ପ୍ରବକ୍ତା ଶ୍ରୀମତୀ ଅରୁଣା ରାୟଙ୍କ ସମେତ ଓଡିଶାର ବହୁ ସିଭିଲ ସୋସାଇଟି ସଂଗଠନ ମତ ଦେଇସାରିଛନ୍ତି । ଏବଂ ବର୍ତ୍ତମାନ ଯଦି ରାଜ୍ୟ ସରକାର ସଂଶୋଧନ ପ୍ରସ୍ତାବ ଉପରେ ଜେନେରାଲ୍ କ୍ଲଜେସ୍ ଆଇନ୍ ଅନୁଯାୟୀ ବିଧିବଦ୍ଧ ଜନମତ ନଲୋଡି ତାକୁ ଚୂଡାନ୍ତ ରୂପ ଦିଅନ୍ତି, ତେବେ ତାହା ମଧ୍ୟ ଅବୈଧ ପଦବାଚ୍ୟ ହେବ, ଏଥିରେ ସନ୍ଦେହ ନାହିଁ । ସର୍ବୋପରି ସୂଚନା ଅଧିକାର ଆଇନ୍ ୨୦୦୫ର ଧାରା-୪(୧-'ସି' ଏବଂ 'ଡି') ଅନୁଯାୟୀ ପ୍ରତି ଜନକର୍ତ୍ତୃପକ୍ଷ ଜନସ୍ୱାର୍ଥକୁ ପ୍ରଭାବିତ କରୁଥିବା କୌଣସି ଗୁରୁତ୍ୱପୂର୍ଣ୍ଣ ନୀତି ନିର୍ଦ୍ଧାରଣ କଲାବେଳେ ଏହାସହିତ ସଂପର୍କୀତ ସମସ୍ତ ପ୍ରାସଙ୍ଗିକ ତଥ୍ୟାବଳୀକୁ ପ୍ରକାଶ କରିବା ତଥା ଏଭଳି ନିଷ୍ପତ୍ତି ପଛରେ ଥିବା କାରଣ ଓ ଯୌକ୍ତିକତା ଦର୍ଶାଇବାକୁ ବାଧ୍ୟ । ଏହଛଡା ଧାରା-୪(୩)ରେ ନିର୍ଦ୍ଦେଶ ଦିଆଯାଇଛି ଯେ, ଏଭଳି ସୂଚନାବଳୀକୁ ସଂପୃକ୍ତ କର୍ତ୍ତୃପକ୍ଷ ଏମିତି ରୀତିରେ ବ୍ୟାପକ ପ୍ରସାର କରିବେ, ଯାହା ଫଳରେ ତାହା ସାଧାରଣ ଲୋକଙ୍କର ବୋଧଗମ୍ୟ ହେଉଥିବ । କିନ୍ତୁ ବର୍ତ୍ତମାନର ଚିଠା-ସଂଶୋଧନକୁ ବିନା ନୋଟିସ୍‌ରେ ଓ ବିନା ବ୍ୟାଖ୍ୟାରେ କେବଳ ୱେବ୍‌ସାଇଟ୍‌ରେ ଯେଭଳି କୁଣ୍ଠିତ ପ୍ରକାଶନ ଦିଆଯାଇଛି, ତାହା ସୂଚନା ଅଧିକାର ଆଇନ୍‌ର ନଗ୍ନ ଉଲ୍ଲଂଘନ ଘଟାଉଛି, ଏଥିରେ ମଧ୍ୟ ସନ୍ଦେହ ନାହିଁ ।

**ଅକ୍ଷମଣୀୟ ବିଭ୍ରାନ୍ତି**

ପ୍ରଥମେ ବିସ୍ମିତ ହେବାକୁ ପଡେ, ୱେବ୍‌ସାଇଟ୍‌ରେ ପ୍ରସାରିତ ହୋଇଥିବା ଦୁଇଟି ବୈଠକର ବିବରଣୀରେ ଏତେଗୁଡିଏ ସାଂଘାତିକ ତଥ୍ୟଗତ ଦୋଷ ରହିଲା କିପରି ? ପ୍ରଥମତଃ କମିଟିର ସଭ୍ୟ ଭାବେ ଦୁଇଟି ବୈଠକରେ ଯୋଗଦାନ କରିଥିବା ଜନୈକ ବ୍ୟକ୍ତି ଶ୍ରୀ ଯତୀନ୍ଦ୍ର ମୋହନ ମହାନ୍ତିଙ୍କୁ ଓଡିଶାର ପୂର୍ବତନ ଆଡ୍‌ଭୋକେଟ୍ ଜେନେରାଲ୍ ବୋଲି ଦୁଇଥର ଦର୍ଶାଯାଇଛି, ବସ୍ତୁତଃ ଏଭଳି କୌଣସି ବ୍ୟକ୍ତି ରାଜ୍ୟର ଆଡ୍‌ଭୋକେଟ୍ ଜେନେରାଲ୍ ନଥିଲେ । ୨ୟତଃ ୧ମ ବୈଠକର ବିବରଣୀର ପ୍ରଥମ ବିନ୍ଦୁରେ ଓଡିଶା ସୂଚନା ଅଧିକାର ନିୟମାବଳୀ ୨୦୦୫ର ନିୟମ ୨(ଏଫ୍)ର ସଂଶୋଧନ କଥା କୁହାଯାଇଛି, କିନ୍ତୁ ବସ୍ତୁତଃ ଏଭଳି କୌଣସି ନିୟମ ନାହିଁ । ତୃତୀୟତଃ ଦ୍ୱିତୀୟ ବୈଠକର ବିବରଣୀର ବିନ୍ଦୁ-୫ରେ 'ଫର୍ମ-ଏଫ୍'ର ବିନ୍ଦୁ-୫କୁ ସଂଶୋଧନ କରିବା କଥା କୁହାଯାଇଛି । କିନ୍ତୁ 'ଫର୍ମ-ଏଫ୍'ର ବିନ୍ଦୁ-୫ ବୋଲି କୌଣସି ବ୍ୟବସ୍ଥା ନାହିଁ । ଚତୁର୍ଥତଃ ଏହି ବିବରଣୀରେ ଓଡିଶା ସୂଚନା କମିଶନ୍ (ଅପିଲ୍ ପଦ୍ଧତି) ନିୟମାବଳୀ ୨୦୦୬ର ସଂଶୋଧନ ବିଷୟରେ ବିନ୍ଦୁ-୧ରେ କୁହାଯାଇଛି ଯେ, ପ୍ରଚଳିତ ନିୟମ ୭(ଏ)ରେ ଏକ ନୂତନ ବ୍ୟବସ୍ଥା ଯୋଡାଯିବ, କିନ୍ତୁ ନିୟମ ୭(ଏ) ବୋଲି କୌଣସି ବ୍ୟବସ୍ଥା ବର୍ତ୍ତମାନ ନାହିଁ, କିଛି ଯୋଡାଯିବାର ପ୍ରଶ୍ନ ଉଠୁଛି କେଉଁଠି ? ପଞ୍ଚମତଃ ଉକ୍ତ ବିବରଣୀର ସେହି ପ୍ରସଙ୍ଗରେ ବିନ୍ଦୁ-୪ରେ କୁହାଯାଇଛି ଯେ, ପ୍ରଚଳିତ ନିୟମ-୧୨ରେ ରେଜିଷ୍ଟ୍ରାର୍‌ଙ୍କ ଦାୟିତ୍ୱ ବିଷୟରେ ଏକ ନୂତନ ବ୍ୟବସ୍ଥା ଯୋଡାଯିବ, କିନ୍ତୁ ବସ୍ତୁତଃ ଉକ୍ତ ନିୟମାବଳୀରେ ନିୟମ-୧୨ବୋଲି କିଛି ବ୍ୟବସ୍ଥା ମୋଟେ ନାହିଁ, କିଛି ଯୋଡାଯିବାର ପ୍ରଶ୍ନ ଉଠୁଛି କେଉଁଠି ?

**ଯେଉଁସବୁ ସଂଶୋଧନର ଅପେକ୍ଷା ଥିଲା**

ଏକଥା ଜଣାଶୁଣା ଯେ, ଓଡିଶା ସୂଚନା ଅଧିକାର ନିୟମାବଳୀ ୨୦୦୫କୁ ଅବୈଧ ବୋଲି ବର୍ଣ୍ଣନା କରିବା ପଛରେ ଆଉ ଏକ ମୌଳିକ କାରଣ ମଧ୍ୟ ନିହିତ । ସୂଚନା ଅଧିକାର ଆଇନ୍ ଏକ କେନ୍ଦ୍ରୀୟ ତାଲିକାଭୁକ୍ତ ଆଇନ୍ ହୋଇଥିବାରୁ କୌଣସି ସରକାର, କେନ୍ଦ୍ର ବା ରାଜ୍ୟ ନିଜର ନିୟମାବଳୀରେ ଏହାର ଭାଷା ବା ଭାବକୁ ଉଲ୍ଲଂଘନ କଲାଭଳି କୌଣସି ବ୍ୟବସ୍ଥା ରଖିପାରିବେ ନାହିଁ । କିନ୍ତୁ ଦେଖାଗଲା, କେନ୍ଦ୍ର ସରକାର ମୋଟାମୋଟି ଏହି ନୀତିକୁ ଅନୁସରଣ କରୁଥିବା ବେଳେ ଓଡିଶା ଏହାର ସଂପୂର୍ଣ୍ଣ ଉଲ୍ଲଂଘନ ଘଟାଇ ଆସିଛି । ଦୃଷ୍ଟାନ୍ତ ସ୍ୱରୂପ, ମୂଳ ଆଇନ୍ ତଥା କେନ୍ଦ୍ରୀୟ ନିୟମାବଳୀ କୌଣସି ଫର୍ମକୁ ବାଧ୍ୟତାମୂଳକ କରିନଥିବା ବେଳେ ଓଡିଶା ସରକାର ସୂଚନା ପାଇଁ ଦରଖାସ୍ତ ସକାଶେ 'ଫର୍ମ-ଏ', ତଥା ୧ମ ଅପିଲ୍ ପାଇଁ 'ଫର୍ମ-ଡି' ଏବଂ ୨ୟ ଅପିଲ୍ ପାଇଁ 'ଫର୍ମ-ଇ'କୁ ବାଧ୍ୟତାମୂଳକ କରିଛନ୍ତି । ମୂଳ ଆଇନ୍‌ର ଧାରା-୬(୨)ରେ କୁହାଯାଇଛି ଯେ, ସୂଚନା ପାଇଁ ଦରଖାସ୍ତକାରୀଙ୍କୁ ତାଙ୍କର ଯୋଗାଯୋଗ ଠିକଣା ଛଡା ଅନ୍ୟ କୌଣସି ବ୍ୟକ୍ତିଗତ ବିସ୍ତାରଣା ଦେବାକୁ ପଡିବନି, ଅଥଚ ଓଡିଶାର 'ଫର୍ମ-ଏ'ରେ ଭୋଟର୍ ପରିଚୟପତ୍ର ସହିତ ପିତା/ସ୍ୱାମୀଙ୍କ ନାମ ଦେବାକୁ ପଡିବ । ଭୋଟର୍ ପରିଚୟ ବ୍ୟବସ୍ଥା ରଖିବା ଫଳରେ ୧୮ ବର୍ଷରୁ କମ୍ ବ୍ୟକ୍ତିମାନେ ଦେଶର ନାଗରିକ ହୋଇଥିଲେ ହେଁ ଆପେ ଆପେ ସୂଚନା ଅଧିକାର ପାଇଁ ଆବେଦନ କରିବାର ସୁଯୋଗରୁ ବଞ୍ଚିତ ହୋଇପଡୁଛନ୍ତି, ତଥା ଆବେଦକଙ୍କୁ ଭୋଟର୍ ପରିଚୟପତ୍ର ଜରିଆରେ ନିଜର ବ୍ୟକ୍ତିଗତ ତଥ୍ୟାବଳୀ, ଯଥା ସ୍ଥାୟୀ ଠିକଣା, ବୟସ, ଲିଙ୍ଗ ଓ ଜାତି ପ୍ରକାଶ କରିବାକୁ ବାଧ୍ୟ କରାଯାଉଛି । ମୂଳ ଆଇନ୍ କି କେନ୍ଦ୍ରୀୟ ନିୟମାବଳୀରେ ୧ମ କି ୨ୟ ଅପିଲ୍ ପାଇଁ କୌଣସି ଫିସ୍ ବ୍ୟବସ୍ଥା ନଥିବା ବେଳେ ଓଡିଶାରେ ଏଥିପାଇଁ ଯଥାକ୍ରମେ ୨୦ଟଙ୍କା ଓ ୨୫ଟଙ୍କାର ଫିସ୍ ଦେବାକୁ ପଡୁଛି । ମୂଳ ଆଇନ୍‌ର ଧାରା-୭(୫) ଅଧୀନରେ ତଥା କେନ୍ଦ୍ରୀୟ ନିୟମାବଳୀରେ ବି.ପି.ଏଲ୍. ବ୍ୟକ୍ତିମାନଙ୍କ ପାଇଁ ସମସ୍ତ ଫିସ୍ ଛାଡ କରାଯାଇଥିବା ବେଳେ ଓଡିଶାରେ କେବଳ ୧୦ଟଙ୍କାର ଦରଖାସ୍ତ ଫିସ୍ ଛାଡ କରାଯାଇଛି, କିନ୍ତୁ ସୂଚନା ଯୋଗାଣ ବାବଦ ଫିସ୍ ପୃଷ୍ଠା ୨ଟଙ୍କା ହିସାବରେ ଆଦାୟ କରାଯାଉଛି । ମୂଳ ଆଇନ୍‌ର ଧାରା ୧୯(୫) ତଥା ୨୦(୧) ତଥା କେନ୍ଦ୍ରୀୟ ନିୟମାବଳୀ ଅଧୀନରେ ଯେ କୌଣସି ଶୁଣାଣି ପ୍ରକ୍ରିୟାରେ ପ୍ରମାଣ-ଭାର ଅଭିଯୁକ୍ତ ଜନସୂଚନା ଅଧିକାରୀ ଉପରେ ନ୍ୟସ୍ତ ଥିବା ବେଳେ ଓଡିଶା ନିୟମାବଳୀର ନିୟମ-୧୨ ଅନୁଯାୟୀ ଅଭିଯୋକ୍ତା ବା ଅପିଲ୍‌କର୍ତ୍ତା କମିଶନ୍ ସମ୍ମୁଖରେ ସାକ୍ଷୀ-ହାଜିରା ବା ଦଲିଲ୍ ପେଶ୍ ପାଇଁ ଆବଶ୍ୟକୀୟ ଖର୍ଚ୍ଚ ବହନ କରିବେ ବୋଲି ବ୍ୟବସ୍ଥା ରହିଛି । ପୁଣି ମୂଳ ଆଇନ୍ ବା କେନ୍ଦ୍ରୀୟ ନିୟମାବଳୀରେ ନମୁନା ପାଇଁ ଆବେଦକଙ୍କୁ କୌଣସି ଅତିରିକ୍ତ ଖର୍ଚ୍ଚ ପଡୁନଥିବା ବେଳେ ଓଡିଶା ନିୟମାବଳୀର ନିୟମ-୧୦ ଅନୁଯାୟୀ ଜନସୂଚନା ଅଧକାରୀ ନମୁନା ସଂଗ୍ରହ ବେଳେ ସଂପୃକ୍ତ ସଂରଚନାର ଯଦି କିଛି କ୍ଷୟକ୍ଷତି ଘଟେ ତେବେ ତହିଁର ଭରଣା ଆବେଦକଙ୍କୁ କରିବାକୁ ପଡିବ

ବୋଲି ବ୍ୟବସ୍ଥା ଅଛି । ମୂଳ ଆଇନ୍‌ର ଧାରା-୭(୩)ରେ ବ୍ୟବସ୍ଥା ଅଛି ଯେ, ଜଣେ ଜନସୂଚନା ଅଧିକାରୀ ଆବେଦକଙ୍କୁ ତାଙ୍କର ପ୍ରଥମ ଉତ୍ତରରେ ଆବେଦିତ ସୂଚନା ପାଇଁ ଆବଶ୍ୟକୀୟ ଅର୍ଥରାଶିର ସବିଶେଷ ହିସାବ ସହିତ ଯଦି ଆବେଦକ ତାଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୁଅନ୍ତି ତେବେ ସେ କେଉଁ ଅପିଲ୍‌କର୍ତ୍ତାଙ୍କ ସମ୍ମୁଖରେ ଜନସୂଚନା ଅଧିକାରୀଙ୍କ ବିରୁଦ୍ଧରେ ଅପିଲ୍ କରିପାରିବେ, ତାଙ୍କର ସବିଶେଷ ଠିକଣା ସୂଚୀତ କରିବେ । କିନ୍ତୁ ଏପ୍ରକାର ଉତ୍ତର ପାଇଁ ଓଡିଶା ନିୟମାବଳୀରେ ଯେଉଁ 'ଫର୍ମ-ବି'ର ବ୍ୟବସ୍ଥା ଅଛି, ସେଥିରେ ସବିଶେଷ ହିସାବ ବଦଳରେ କେବଳ ମୋଟ ଅର୍ଥରାଶି ସୂଚୀତ ହେବାର ବ୍ୟବସ୍ଥା ଅଛି ଏବଂ ଅପିଲ୍‌କର୍ତ୍ତାଙ୍କ ଠିକଣା ଜଣାଇବାର ମୋଟେ ବ୍ୟବସ୍ଥା ନାହିଁ । ସର୍ବୋପରି ମୂଳ ଆଇନ୍ ଓ କେନ୍ଦ୍ରୀୟ ନିୟମାବଳୀରେ କେବଳ ନିର୍ଦ୍ଦିଷ୍ଟ ଧାରାଗୁଡିକ (ଯଥା, ଧାରା ୭-୯, ୮, ୯, ୧୦, ୧୧ ଓ ୨୪) ଭିତ୍ତିରେ ଗୋଟିଏ ଦରଖାସ୍ତ ନାକଚ କରାଯାଇ ପାରିବ ବୋଲି ବ୍ୟବସ୍ଥା ଥିଲେ ହେଁ, ଓଡିଶା ନିୟମାବଳୀ-୨୦୦୫ ଅଧୀନରେ ନାକଚ ପାଇଁ ବିହିତ ହୋଇଥିବା 'ଫର୍ମ-ସି'ରେ ଅନେକ ମନମୁଖୀ କାରଣ ଦର୍ଶାଇ ଗୋଟିଏ ଦରଖାସ୍ତକୁ ନାକଚ କରିହେବ, ଯଥା- ଦରଖାସ୍ତଟି ସଂପୂର୍ଣ୍ଣ ନୁହେଁ, ଆପଣଙ୍କର ପରିଚୟ ସନ୍ତୋଷଜନକ ନୁହେଁ, ଏବଂ ଅନ୍ୟ ଯେ କୌଣସି କାରଣ ପାଇଁ । ଯଦିଓ ଆଇନ୍‌ର ଧାରା ୨୪(୪)ରେ କୁହାଯାଇଛି ଯେ, ଆଇନ୍‌ର ପରିସରରୁ ଆପେକ୍ଷିକ ଭାବେ ମୁକ୍ତ ଥିବା ରାଜ୍ୟର ନିରାପତ୍ତା ଓ ଗୁଇନ୍ଦା ସଂସ୍ଥାମାନେ ଦୁର୍ନୀତି ଓ ମାନବାଧିକାର ଉଲ୍ଲଂଘନ ସଂପର୍କୀତ ସୂଚନା ଦେବାପାଇଁ ବାଧ୍ୟ, କିନ୍ତୁ ଓଡିଶା ସରକାରଙ୍କ ବିଜ୍ଞପ୍ତି ତା ୨୯.୧୦.୨୦୦୫ରେ ଏପ୍ରକାର ସୂଚନା ପ୍ରଦାନର ବ୍ୟବସ୍ଥା କରାଯାଇନାହିଁ । ପୁଣି ଆଇନ୍‌ର ଧାରା ୨(ଇ-୪) ଅନୁଯାୟୀ ରାଜ୍ୟପାଳ ହେଉଛନ୍ତି 'ଅନ୍ୟାନ୍ୟ ସାମ୍ବିଧାନିକ କର୍ତ୍ତୃପକ୍ଷସମୂହ' (ଯଥା- ରାଜ୍ୟ ନିର୍ବାଚନ କମିଶନ୍, ରାଜ୍ୟ ଆଦିବାସୀ ଉପଦେଷ୍ଟା ପରିଷଦ, ରାଜ୍ୟ ଅର୍ଥ କମିଶନ୍ ଇତ୍ୟାଦି)ଙ୍କ କ୍ଷେତ୍ରରେ ଜଣେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ, ଯେ କି ଆଇନ୍‌ର ଧାରା ୨୮ ଅନୁଯାୟୀ ଏହିସବୁ କର୍ତ୍ତୃପକ୍ଷମାନଙ୍କ ପାଇଁ ସୂଚନା ଅଧିକାର ନିୟମାବଳୀ ପ୍ରଣୟନ କରିବେ । କିନ୍ତୁ ଓଡିଶାରେ ଏପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଉପେକ୍ଷିତ ହୋଇରହିଛି । ରାଜ୍ୟ ସରକାରଙ୍କର ଆଉ ଏକ ମସ୍ତବଡ ବିଫଳତା ହେଉଛି, ବିଭିନ୍ନ ସ୍ତରର ଜନକର୍ତ୍ତୃପକ୍ଷମାନେ ଧାରା-୪ ଅଧୀନସ୍ଥ ସ୍ୱୟଂପ୍ରକଟନୀୟ ସୂଚନାସମୂହକୁ ଯଥାର୍ଥ ଓ ବିସ୍ତାରିତ ରୀତିରେ ପ୍ରକାଶନ ଓ ସେସବୁକୁ ସମୟାନ୍ତରରେ ଅଦ୍ୟତନ କରିବାରେ ଅବହେଳା । ଏହାର ପ୍ରତିକାର ପାଇଁ ରାଜ୍ୟ ସରକାର କେନ୍ଦ୍ରୀୟ ସଂଯୋଜକ ସଂସ୍ଥା 'କର୍ମୀନିଯୋଜନ, ପେନସନ୍ ଓ ସର୍ବସାଧାରଣ ଅଭିଯୋଗ ମନ୍ତ୍ରଣାଳୟ' ତରଫରୁ ପ୍ରକାଶିତ ହୋଇଥିବା ଆଦର୍ଶ ପ୍ରରୂପକୁ ଅନୁସରଣ କରିବା ବିଧେୟ । ସେହିପରି ଧାରା-୪ ଅଧୀନରେ ଯେତିକି ବା ସ୍ୱୟଂପ୍ରକଟନୀୟ ସୂଚନା ବିଭିନ୍ନ ଜନକର୍ତ୍ତୃପକ୍ଷମାନେ ପ୍ରକାଶ କରିଛନ୍ତି, ସେଗୁଡିକୁ ନାଗରିକମାନେ ନିରୀକ୍ଷଣ ଓ ହାସଲ କରିବା ପାଇଁ ଓଡିଶା ସୂଚନା ଅଧିକାର ସଂଶୋଧନ ନିୟମାବଳୀ, ୨୦୦୬ରେ ଯେଉଁ ଚମତ୍କାର ବ୍ୟବସ୍ଥା ଅଛି, ତାହା ଏପର୍ଯ୍ୟନ୍ତ ପୁରାପୁରି ଅକାମୀ ହୋଇରହିଛି । ଏହାଛଡା, ସ୍ଥଳ ବିଶେଷରେ ଓଡିଶା ସୂଚନା ଅଧିକାର ନିୟମାବଳୀ ୨୦୦୫ର ଭାଷା ମଧ୍ୟ ଅବାନ୍ତର, ଯଥା ନିୟମ-୨ (୧-ସି)ରେ ଲେଖା ଅଛି ଯେ, "'ଫିସ' ଅର୍ଥ ସୂଚନା ଯୋଗାଇ ଦେବା ପାଇଁ ଖର୍ଚ୍ଚ ଛଡା ଧାରା-୬ର ଉପଧାରା (୧) ଏବଂ ଧାରା-୭ର ଉପଧାରା (୧) ଏବଂ (୫)ର ବ୍ୟବସ୍ଥାଗୁଡିକ ଅନୁଯାୟୀ କୌଣସି ସୂଚନା ପାଇବା ପାଇଁ ଦରଖାସ୍ତକାରୀଙ୍କ ଦ୍ୱାରା ପ୍ରଦେୟ ପରିମାଣ ।" ଏହି ସଂଜ୍ଞାର କିଛି ଅର୍ଥ ବାହାରୁଛି କି ? ସ୍ୱୟଂ ବ୍ରହ୍ମାଙ୍କୁ ମଧ୍ୟ ଏହା ଅଗୋଚର । ସର୍ବୋପରି, ମୂଳରୁ ଲକ୍ଷ୍ୟ କରାଯାଇଛି ଯେ, ମୂଳ ଆଇନ୍‌ର ଧାରା-୨୬ ଅନୁଯାୟୀ ଆଇନ୍‌ର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ପଡୁଥିବା ବହୁବିଧ ଦାୟିତ୍ୱ (ଯଥା- ଆଇନ୍ ଓ ନିୟମାବଳୀ ସମ୍ବନ୍ଧରେ ସର୍ବସାଧାରଣଙ୍କ ଭିତରେ ପ୍ରଚାର ଓ ପ୍ରଶିକ୍ଷଣ, ସୂଚନା ପୁସ୍ତିକା ପ୍ରକାଶନ, ଜନକର୍ତ୍ତୃପକ୍ଷମାନଙ୍କୁ ତଦାରଖ, ତଥା ସେମାନଙ୍କ ଦ୍ୱାରା ଧାରା ୪ ଅଧୀନସ୍ଥ ସ୍ୱୟଂ-ପ୍ରକଟନୀୟ ସୂଚନା ପ୍ରକାଶନ ଇତ୍ୟାଦି) ସରକାରଙ୍କ ଉପରେ ନ୍ୟସ୍ତ କରା ଯାଇଥିବା ବେଳେ ଓଡିଶାରେ ଆରମ୍ଭରୁ ଆମେ ଏକ ବିଚିତ୍ର, ଆଇନ୍-ବହିର୍ଭୁତ ଦୃଶ୍ୟପଟ ଲକ୍ଷ୍ୟ କରିଆସିଛେ । ରାଜ୍ୟ ସରକାର ପୁରାପୁରି ନିଷ୍କ୍ରୀୟ ରହି ନିଜର ଅବଶ୍ୟ-କରଣୀୟ ଦାୟିତ୍ୱସମୂହକୁ କମିଶନ୍‌ଙ୍କ ଉପରେ ନ୍ୟସ୍ତ କରିଦେଲେ, ଯାହାର ଅବଶ୍ୟମ୍ଭାବୀ ପରିଣତି ସ୍ୱରୂପ ଆମେ ଦେଖିଲୁ, କମିଶନର୍ ମାନେ ନିଜର ମୌଳିକ ଦାୟିତ୍ୱ, ଯଥା ଅଭିଯୋଗ ଓ ଅପିଲ୍ ଶୁଣାଣି (ଧାରା-୧୮, ୧୯ ଓ ୨୦)କୁ ଉପେକ୍ଷା କରି ନିଜେ ଏକ ପାଣ୍ଠି-ବିତରକ ସଂସ୍ଥାରେ ପରିଣତ ହୋଇଗଲେ ତଥା ରାଜ୍ୟସାରା ବୁଲି ବୁଲି ସଭାସମିତି ଆୟୋଜନ କରାଇଲେ ଓ ନିଜେ ତହିଁର ଉଦ୍‌ଘାଟକ ଓ ମୁଖ୍ୟବକ୍ତା ସାଜିଲେ । ଏହା ଫଳରେ, କମିଶନ୍‌ଙ୍କ ଦପ୍ତରରେ ବକେୟା କେଶ୍‌ସଂଖ୍ୟା ବଢିଚାଲିଲା ଓ କମିଶନର୍‌ମାନେ ନିଜ ରାୟରେ ଏଣୁତେଣୁ, ଏପରିକି ଭାଷାଦୋଷ ସହିତ ଆଇନ୍-ବିରୁଦ୍ଧ କଥାମାନ ଲେଖିଚାଲିଲେ ତଥା ଶୁଣାଣି ବେଳେ ଅଭିଯୋକ୍ତା ନାଗରିକଙ୍କୁ କ୍ରୁଦ୍ଧ ଓ ଉତ୍ତେଜିତ ସ୍ୱରରେ ଗାଳିଗୁଲଜ କଲେ । କେବଳ ଏତିକି ନୁହେଁ, ସେମାନଙ୍କର ଅନ୍ୟ ଏକ ଗୁରୁ ଦାୟିତ୍ୱ, ଯଥା ରାଜ୍ୟରେ ତଳୁ ଉପର ପର୍ଯ୍ୟନ୍ତ ସୂଚନା ଅଧିକାର ଆଇନ୍‌ର ସ୍ଥିତି ସମ୍ବନ୍ଧରେ ବାର୍ଷିକ ରିପୋର୍ଟର ପ୍ରସ୍ତୁତି ମଧ୍ୟ ଉପେକ୍ଷିତ ହେଲା, ଯାହା ଫଳରେ କମିଶନ୍‌ଙ୍କ ପ୍ରସ୍ତୁତ ୩ଟି ବାର୍ଷିକ ରିପୋର୍ଟ ବହୁ ଗୁରୁଚଣ୍ଡାଳ ଦୋଷରେ ଆକ୍ରାନ୍ତ ହୋଇ ବିଧାନସଭାରେ ଉପସ୍ଥାପିତ ହୋଇଛି । ମୋଟ୍ ଉପରେ କହିଲେ, ଆଇନ୍ ଅଧୀନରେ ସରକାର ଓ କମିଶନ୍ ଉପରେ ନ୍ୟସ୍ତ ହୋଇଥିବା ଭୂମିକା ସମ୍ବନ୍ଧରେ ଏବେ ବି ବିଭ୍ରାନ୍ତି ଓ ବିଶୃଙ୍ଖଳା ବଜାୟ ରହିଛି, ଯାହାକି ଓଡିଶାରେ ଏହି ଆଇନ୍‌ର ବିଫଳତା ପାଇଁ ଅନ୍ୟତମ ପ୍ରମୁଖ କାରଣ । ଆଶା କରାଯାଉଥିଲା, ଓଡିଶା ସରକାର ମୂଳ ଆଇନ୍ ତଥା କେନ୍ଦ୍ରୀୟ ନିୟମାବଳୀ ସହିତ ସଂଗତି ରଖି ଓଡିଶା ଭଳି ଦରିଦ୍ର ଅଥଚ ଦୁର୍ନୀତି-ମଗ୍ନ ରାଜ୍ୟରେ ସୂଚନା ଅଧିକାରକୁ ସାଧାରଣ ଗରିବ, ଆଦିବାସୀ, ଦଳିତ ଓ ଅସାକ୍ଷର ଜନତାଙ୍କ ନିକଟରେ ସରଳ ଓ ସୁଲଭ କରିବା ପାଇଁ ରାଜ୍ୟ ନିୟମାବଳୀ-୨୦୦୫ରେ ଥିବା ବିଭିନ୍ନ ବେଆଇନ୍ ଓ ଅସଂଗତ ବ୍ୟବସ୍ଥାସମୂହର ଉଚ୍ଛେଦ, ଭାଷାଗତ ବିଭ୍ରାନ୍ତିର ଅବସାନ ତଥା କମିଶନ୍ ଓ ସରକାରଙ୍କ ଭୂମିକାରେ ସୁସ୍ପଷ୍ଟତା ପାଇଁ ଆବଶ୍ୟକୀୟ ସଂଶୋଧନ ଆଣିବେ । କିନ୍ତୁ ରାଜ୍ୟ କମିଟିଙ୍କ ଉପରୋକ୍ତ ଦୁଇଟି ବୈଠକର ବିବରଣୀରୁ ଏହା ସୁସ୍ପଷ୍ଟ ଯେ, ସରକାରଙ୍କ ମତିଗତି ତାହା ତ ନୁହେଁ, ବରଂ ଅଭିସନ୍ଧି ହେଉଛି ପ୍ରଚଳିତ ନିୟମାବଳୀକୁ କିପରି ସାଧାରଣ ଲୋକଙ୍କ ପାଇଁ ଅଧିକ ଜଟିଳ ଓ ଦୁସାଧ୍ୟ କରିଦେବା ତଥା କମିଶନ୍‌ଙ୍କ ଉପରେ ଅତିରିକ୍ତ ଆଇନ୍ ବହିର୍ଭୁତ କ୍ଷମତାବଳୀ ନ୍ୟସ୍ତ କରି କମିଶନର୍‌ମାନଙ୍କୁ ଅଧିକ ସ୍ୱେଚ୍ଛାଚାରୀ କରିଦେବା ।

### ଏକ ଅଧପନ୍ତରିଆ ପ୍ରସ୍ତାବ

ପ୍ରସ୍ତାବିତ ସଂଶୋଧନ ଭିତରେ ଏମିତି ଏକ ପ୍ରସ୍ତାବ ଅଛି, ଯାହାକି ରାଜ୍ୟରେ ସୂଚନା ଅଧିକାର ନିୟମାବଳୀ ଚାଲୁ ହେବା ସଙ୍ଗେସଙ୍ଗେ କାର୍ଯ୍ୟକାରୀ ହେବାର ଥିଲା । ଏତେ ବିଳମ୍ବରେ ବିଷୟଟି ଉତ୍‌ଥାପିତ ହୋଇଛି, କିନ୍ତୁ ଅଧପନ୍ତରିଆ ଭାବେ । ୧ମ ବୈଠକର ବିବରଣୀର ବିନ୍ଦୁ-୩ ରେ କୁହାଯାଇଛି ଯେ, ଓଡିଶା ସୂଚନା ଅଧିକାର ନିୟମାବଳୀର ନିୟମ-୪(୧)ର ପ୍ରଥମ ଅନୁଚ୍ଛେଦର ସଂଶୋଧନ ଅନୁସାରେ ଜଣେ ନାଗରିକ 'ଫର୍ମ-ଏ'ରେ ଆବେଦନ କଲାବେଳେ ଦେୟପଇଠର ବିଭିନ୍ନ ମାଧ୍ୟମ (ଯଥା ଟ୍ରେଜେରି ଚାଲାଣ, ନଗଦ ଅର୍ଥ, ମନି ଅର୍ଡର୍, ଆଇ.ପି.ଓ., ବ୍ୟାଙ୍କ ଡ୍ରାଫ୍ଟ ବା ଅନ୍ୟ କୌଣସି ଇ-ମାଧ୍ୟମ) ଭିତରୁ କୌଣସିଟି ଜରିଆରେ ଦରଖାସ୍ତ ଫିସ୍‌କୁ 'ଉପଯୁକ୍ତ ହିସାବ ଶୀର୍ଷକ' (ଆପ୍ରୋପ୍ରିଏଟ୍ ହେଡ୍ ଅଫ୍ ଆକାଉଣ୍ଟ୍ ) ସୂଚୀତ କରି ଦାଖଲ କରିବେ । କିନ୍ତୁ ପ୍ରଶ୍ନ ଉଠୁଛି, ଏହି 'ଉପଯୁକ୍ତ ହିସାବ ଶୀର୍ଷକ' ବଜେଟ୍‌ର ଏକ ଜଟିଳ ପରିଭାଷା ହୋଇଥିବାରୁ ତାହା ଜଣେ ସାଧାରଣ ନାଗରିକ କେମିତି ଜାଣିବ ? ସେହିପରି ବିନ୍ଦୁ-୫ ଅନୁସାରେ ଏଣିକି ସୂଚନାର ମୂଲ୍ୟ ସମେତ ସମସ୍ତ ଫିସ୍ ଉପରୋକ୍ତ ବହୁବିଧ ମାଧ୍ୟମରେ ପଇଠ କରିହେବ । କିନ୍ତୁ ପୁଣି ସେଇ ପ୍ରଶ୍ନ ଉଠିବ, 'ଉପଯୁକ୍ତ ହିସାବ ଶୀର୍ଷକ'କୁ ସୁସ୍ପଷ୍ଟ କରା ନଗଲେ ଦେୟ ପଇଠ କାହା ପାଖରେ କରାଯିବ ? ଏଠାରେ ସୂଚନାଯୋଗ୍ୟ ଯେ, କେନ୍ଦ୍ରୀୟ ନିୟମାବଳୀରେ ପ୍ରତି ଦପ୍ତରର ଆକାଉଣ୍ଟସ୍ ଅଫିସର୍‌ଙ୍କୁ ସମ୍ବୋଧନ କରାଯାଇ ଦେୟପଇଠର ସୁସ୍ପଷ୍ଟ ବ୍ୟବସ୍ଥା ରଖାଯାଇଛି, ସେପରି ଓଡିଶା ନିୟମାବଳୀରେ ଜନସୂଚନା ଅଧିକାରୀ ବା ସଂପୃକ୍ତ ଦପ୍ତର ନାମରେ ଦେୟପଇଠର ବ୍ୟବସ୍ଥା ରଖିଲେ ଅସୁବିଧା କେଉଁଠି ଅଛି ? ଯଦି ଏହା ସ୍ପଷ୍ଟ କରାନଯାଏ ତେବେ ଦେୟ ପଇଠର ବହୁବିଧ ମାଧ୍ୟମର ବ୍ୟବସ୍ଥା କରାଗଲେ ବି ଲୋକେ ସୂଚନା ପାଇଁ ଦରଖାସ୍ତ କରିବାକୁ ଯାଇ ବା ଆବେଦିତ ସୂଚନା ସଂଗ୍ରହ କରିବାକୁ ଯାଇ ଘୋର ଅସୁବିଧାର ସମ୍ମୁଖୀନ ହେବେ ।

### ପୁଣି ସେହି ପୁରୁଣା ଦୋଷ

ପୂର୍ବରୁ ସୂଚୀତ ହୋଇଛି ଯେ, ଆଇନ୍‌ରେ ସରକାର ଓ କମିଶନ୍‌ଙ୍କ କ୍ଷେତ୍ରାଧିକାର ଓ ଦାୟିତ୍ୱାବଳୀ ସମ୍ବନ୍ଧରେ ସୁସ୍ପଷ୍ଟ ବ୍ୟାଖ୍ୟା ଦିଆଯାଇଥିଲେ ହେଁ ଓଡିଶାରେ କମିଶନ୍ ନିଜର ଦାୟିତ୍ୱକୁ ଉପେକ୍ଷା କରି ସରକାରଙ୍କ ସମସ୍ତ ଦାୟିତ୍ୱାବଳୀକୁ ଆବୋରି ବସିଛନ୍ତି, ଯାହା ଫଳରେ ସବୁ କ୍ଷେତ୍ରରେ ଗୋଳମାଳିଆ ସ୍ଥିତି ଲାଗିରହିଛି । ପ୍ରସ୍ତାବିତ ସଂଶୋଧନ ଏହି ଗୋଳମାଳିଆ ସ୍ଥିତିର ଅବସାନ ପରିବର୍ତ୍ତେ ଏହାକୁ ଚିରସ୍ଥାୟୀ କରିବାକୁ ଯାଉଛି ।

**ପ୍ରଥମତଃ** ପ୍ରଥମ ବୈଠକର ବିବରଣୀର ବିନ୍ଦୁ-୧(୩)ରେ କୁହାଯାଇଛି ଯେ, ପ୍ରତି ଜନକର୍ତ୍ତୃପକ୍ଷଙ୍କ ସଂଯୋଜକ ଅଧିକାରୀ ଆଇନ୍‌ର ଧାରା ୪ (୧-ଏ ଓ ୧-ବି), ଅର୍ଥାତ୍ ସ୍ୱୟଂ ପ୍ରକଟନୀୟ ସୂଚନା ପ୍ରକାଶନ ପାଇଁ ସିଧାସଳଖ କମିଶନ୍‌ଙ୍କ ନିକଟରେ ଉତ୍ତରଦାୟୀ ରହିବେ । ଏପ୍ରକାର ପ୍ରସ୍ତାବ ମୂଳ ଆଇନ୍‌ର ଧାରା ୨୬ (୩-ଜି)କୁ ସିଧାସଳଖ ଉଲ୍ଲଂଘନ କରୁଛି, କାରଣ ସେଥିରେ ଏହି ଦାୟିତ୍ୱ କମିଶନ୍‌ଙ୍କ ଉପରେ ନୁହେଁ, କେବଳ ସରକାରଙ୍କ ଉପରେ ନ୍ୟସ୍ତ କରାଯାଇଛି । ଏହାଛଡା, ବର୍ତ୍ତମାନ ପ୍ରଚଳିତ ଥିବା ଓଡିଶା ସୂଚନା ଅଧିକାର (ସଂଶୋଧନ) ନିୟମାବଳୀ ୨୦୦୬ ଅଧୀନରେ ପ୍ରତି ଜନକର୍ତ୍ତୃପକ୍ଷଙ୍କ ଦପ୍ତରରେ ଧାରା-୪ ଅଧୀନସ୍ଥ ସୂଚନା ପ୍ରଦାନ ପାଇଁ ଏକ ରେଜିଷ୍ଟର୍ ରଖାଯିବାର ଏକ ଚମତ୍କାର ବ୍ୟବସ୍ଥା ଅଛି, ଯାହାକୁ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କର ସଦିଚ୍ଛା ଆବଶ୍ୟକ, ନିୟମାବଳୀର କୌଣସି ସଂଶୋଧନ ନୁହେଁ । ଅବଶ୍ୟ, ଉକ୍ତ ସଂଶୋଧନ ପ୍ରସ୍ତାବ ସପକ୍ଷରେ ମୂଳ ଆଇନ୍‌ର ଧାରା ୧୯(୮-୬)କୁ କେହି ଅର୍ଦ୍ଧବିଜ୍ଞ ବ୍ୟକ୍ତି ଉଦ୍ଧାର କରି ପାରନ୍ତି । କିନ୍ତୁ ସେଠାରେ କ'ଣ କୁହାଯାଇଛି ? କମିଶନ୍ କୌଣସି ଅଭିଯୋଗ ବା ଅପିଲ୍‌ର ଶୁଣାଣି କରି ନିଜର ଘୋଷିତ ନିଷ୍ପତ୍ତିରେ ସଂପୃକ୍ତ ଜନକର୍ତ୍ତୃପକ୍ଷଙ୍କୁ ଧାରା-୪(୧-ବି) ଅନୁଯାୟୀ ନିଆଯାଇଥିବା ପଦକ୍ଷେପସମୂହ ଉପରେ ଏକ ବାର୍ଷିକ ବିବରଣୀ ଦାଖଲ ପାଇଁ ନିର୍ଦ୍ଦେଶ ଦେଇପାରନ୍ତି । ଏଥିରେ ସବୁ ଜନକର୍ତ୍ତୃପକ୍ଷ ସର୍ବଦା ସିଧାସଳଖ କମିଶନ୍‌ଙ୍କ ନିକଟରେ ଉତ୍ତରଦାୟୀ ରହିବେ ବୋଲି କୁହାଯାଇନାହିଁ ।

**ଦ୍ୱିତୀୟତଃ** ପ୍ରଥମ ବୈଠକର ବିବରଣୀର ବିନ୍ଦୁ-୧(୫)ରେ କୁହାଯାଇଛି ଯେ, ପ୍ରତି ସଂଯୋଜକ ଅଧିକାରୀ କମିଶନ୍ ଯେବେ ଓ ଯେପରି ଚାହିଁବେ, ସେ ସେବେ ଓ ସେପରି ଯେ କୌଣସି ଜନ କର୍ତ୍ତୃପକ୍ଷଙ୍କ ଉପରେ ଯଥୋଚିତ ପ୍ରଶାସନିକ ନିୟନ୍ତ୍ରଣ ଜାରି କରିବେ । କିନ୍ତୁ ମୂଳ ଆଇନ୍‌ର ଧାରା-୨୬ ଅନୁଯାୟୀ, ଆଇନ୍‌ର ସଫଳ କାର୍ଯ୍ୟାନ୍ୱୟନ ପାଇଁ ସମସ୍ତ ଜନକର୍ତ୍ତୃପକ୍ଷଙ୍କ ଉପରେ ବିଭିନ୍ନ ବ୍ୟାପାରରେ ପ୍ରଶାସନିକ ନିୟନ୍ତ୍ରଣ ଜାରି ରଖିବା ସରକାରଙ୍କର ଏକ ସ୍ଥାୟୀ ଓ ଅପରିହାର୍ଯ୍ୟ ଦାୟିତ୍ୱ, ଏହା କମିଶନ୍‌ଙ୍କ ସାମୟିକ ନିର୍ଦ୍ଦେଶନାମା ଉପରେ ନିର୍ଭର କରେ ନାହିଁ ।

### ବିପଜ୍ଜନକ ବ୍ୟବସ୍ଥାମାନ

(୧) ୧ମ ବୈଠକର ବିବରଣୀରେ ଓଡିଶା ସୂଚନା କମିଶନ୍ (ଅପିଲ୍ ପଦ୍ଧତି) ନିୟମାବଳୀ, ୨୦୦୬ର ସଂଶୋଧନ ବିଷୟରେ ବିନ୍ଦୁ-୧ରେ କୁହାଯାଇଛି ଯେ, କମିଶନ୍ ଚାହିଁଲେ, ଯେ କୌଣସି ଅଭିଯୋକ୍ତା ବା ଅପିଲ୍‌କର୍ତ୍ତାଙ୍କୁ ଶୁଣାଣି ବେଳେ ଉପସ୍ଥିତ ରହିବା ପାଇଁ 'ସମନ୍' ବା ତାଙ୍କର ହାଜିରାକୁ ବାଧ୍ୟ କରିପାରିବେ । 'ସମନ୍'ର ଅର୍ଥ ହେଲା, ସଂପୃକ୍ତ ବ୍ୟକ୍ତି ଉପସ୍ଥିତ ନରହିଲେ ଉଭୟ ଦେୱାନି ଓ ଫୌଜଦାରି ଆଇନ୍ ଅନୁଯାୟୀ ତାଙ୍କ ବିରୁଦ୍ଧରେ ଜାମିନ୍-ବିହୀନ ୱାରେଣ୍ଟ ଜାରି କରାଯାଇପାରେ ଏବଂ ଯଦି ଏହା ସତ୍ତ୍ୱେ ତାଙ୍କର ପତ୍ତା ନମିଳେ ତେବେ ତାଙ୍କର ସ୍ଥାବର ବା ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ କରାଯାଇ ପାରେ । ଏହି ଅବାଂଛିତ ସମନ୍ ପ୍ରସ୍ତାବ ଯାହା ମୁଣ୍ଡରୁ ବାହାରିଛି, ସେ ଜାଣିବା ଉଚିତ୍ ସମନ୍ ସାଧାରଣତଃ କେବଳ ଅଭିଯୁକ୍ତଙ୍କ

ବିରୁଦ୍ଧରେ ଜାରି କରାଯାଇଥାଏ, ଅଭିଯୋକ୍ତାଙ୍କ ବିରୁଦ୍ଧରେ ନୁହେଁ । ପୁଣି ଏକ ବାସ୍ତବ ପ୍ରଶ୍ନ ଉଠୁଛି, ଜଣେ ସାଧାରଣ ବ୍ୟକ୍ତି, ବିଶେଷ କରି ବି.ପି.ଏଲ୍. ବ୍ୟକ୍ତି ଦୂରଦୂରାନ୍ତ ସ୍ଥାନରୁ ଭୁବନେଶ୍ୱରର କମିଶନ୍ କାର୍ଯ୍ୟାଳୟକୁ ଯିବାଆସିବା ପାଇଁ ଖର୍ଚ୍ଚ କେଉଁଠୁ ପାଇବ ? ହଁ , ଯଦି କମିଶନ୍ ବା ସରକାର ଏହା ବହନ କରନ୍ତେ, ତେବେ ନିଆରା କଥା ! ଏହିସବୁ ବିଚାରକୁ ସାମନାରେ ରଖି ମୂଳ ଆଇନ୍‌ର ଧାରା ୧୯(୫) ଓ ୨୦(୧) ତଥା କେନ୍ଦ୍ରୀୟ ନିୟମାବଳୀରେ ସୁସ୍ପଷ୍ଟ କରିଦିଆଯାଇଛି ଯେ, ଯେ କୌଣସି ଶୁଣାଣି ପ୍ରକ୍ରିୟାରେ ଜନସୂଚନା ଅଧିକାରୀଙ୍କ ଉପରେ ପ୍ରମାଣ-ଭାର ନ୍ୟସ୍ତ ରହିବ, ଅର୍ଥାତ୍ ଅଭିଯୁକ୍ତ ଅଧିକାରୀ ଆସିବା ପାଇଁ ବାଧ୍ୟ, କିନ୍ତୁ ଅଭିଯୋକ୍ତା ନାଗରିକ ନୁହେଁ । ସୁତରାଂ ଅଭିଯୋକ୍ତାଙ୍କୁ କମିଶନ୍ ‘ସମନ୍’ କରିବାର ଏହି ସଂଶୋଧନ ପ୍ରସ୍ତାବ କେବଳ ଯେ ସୂଚନା ଅଧିକାର ଆଇନ୍ ତାହା ନୁହେଁ, ବରଂ ଏକ ସାର୍ବଜନୀନ ନ୍ୟାୟବୋଧର ଉଲ୍ଲଂଘନ ଘଟାଉଛି । ଅବଶ୍ୟ ଏକଥା ସତ୍ୟ, ମୂଳ ଆଇନ୍‌ର ଧାରା ୧୮(୩-ଏ)ରେ କୁହାଯାଇଛି, ମୌଖିକ ବା ଲିଖିତ ପ୍ରମାଣ ଦାଖଲ ପାଇଁ କମିଶନ୍ ସଂପୃକ୍ତ ବ୍ୟକ୍ତିଙ୍କୁ ହାଜର ହେବା ପାଇଁ ‘ସମନ୍’ କରିପାରିବେ । କିନ୍ତୁ ସେ ବ୍ୟକ୍ତି କିଏ ? ଉପରେ ସୂଚୀତ ହୋଇସାରିଛି, ସେ ବ୍ୟକ୍ତି ହେଉଛନ୍ତି ସଂପୃକ୍ତ ଜନସୂଚନା ଅଧିକାରୀ, ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ ବା ଜନକର୍ତ୍ତୃପକ୍ଷ, ଯାହାଙ୍କ ବିରୁଦ୍ଧରେ ଆଇନ୍‌ର ଖିଲାପ ପାଇଁ କମିଶନ୍‌ଙ୍କ ନିକଟରେ ଅଭିଯୋଗ ବା ଅପିଲ୍ ଦାଏର୍ କରାଯାଇଛି ଏବଂ ଯାହାଙ୍କ ଉପରେ ଆଇନ୍ ପ୍ରମାଣ-ଭାର ନ୍ୟସ୍ତ କରିଛି । ସୁତରାଂ, ଏହା ପୁରାପୁରି ଆଇନ୍ ସଂଗତ ହେବ, ଯଦି ସଂଶୋଧନ କମିଟି ଧାରା ୧୮(୩) ଅନୁଯାୟୀ ଅଭିଯୋକ୍ତା ବଦଳରେ ଅଭିଯୁକ୍ତ ବିରୁଦ୍ଧରେ ସମନ୍ ବ୍ୟବସ୍ଥା ଲାଗୁ କରିବା ପାଇଁ ପ୍ରସ୍ତାବ କରନ୍ତେ ।

**(୨)** ଏହାପରେ ବିନ୍ଦୁ-୨ରେ କୁହାଯାଇଛି ଯେ, ବର୍ତ୍ତମାନ ଓଡିଶା ସୂଚନା କମିଶନ୍ (ଅପିଲ୍ ପଦ୍ଧତି) ନିୟମାବଳୀ ଅଧୀନରେ ଅଭିଯୋକ୍ତା ବା ଅପିଲ୍‌କର୍ତ୍ତାଙ୍କ ନିକଟକୁ ଶୁଣାଣି ପାଇଁ ନୋଟିସ୍ ସକାଶେ ବିହିତ ହୋଇଥିବା ‘ଫର୍ମ-ବି’ରେ ଥିବା ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥାର ଉଚ୍ଛେଦ ହେବ । ବର୍ତ୍ତମାନର ବ୍ୟବସ୍ଥାରେ ଜଣେ ଅଭିଯୋକ୍ତା ବା ଅପିଲ୍‌କର୍ତ୍ତା କମିଶନ୍‌ଙ୍କ ସମ୍ମୁଖରେ ଶୁଣାଣିରେ ନିଜେ ବା ନିଜର ପ୍ରତିନିଧିଙ୍କ ଜରିଆରେ ଉପସ୍ଥିତ ନରହିଲେ ମଧ୍ୟ ଶୁଣାଣି କରାଯିବ ଏବଂ ଫଇସଲା ନିଆଯିବ । ଏହି ବ୍ୟବସ୍ଥା ମୂଳ ଆଇନ୍ ଅନୁଯାୟୀ କେନ୍ଦ୍ର ଓ ଅନ୍ୟସବୁ ରାଜ୍ୟରେ ବର୍ତ୍ତମାନ ପ୍ରଚଳିତ ରହିଛି । କିନ୍ତୁ ପ୍ରସ୍ତାବିତ ରାଜ୍ୟ ସଂଶୋଧନ ଅନୁଯାୟୀ ଏହି ବ୍ୟବସ୍ଥାର ଉଚ୍ଛେଦ ଘଟିବ । ଏହାର କାରଣ ମଧ୍ୟ ଜଳଜଳ ଜଣାପଡୁଛି । କାରଣ, ଉପରେ ସୂଚୀତ ସଂଶୋଧନ ପ୍ରସ୍ତାବ ଅନୁଯାୟୀ, କମିଶନ୍ ଅଭିଯୋକ୍ତା ଓ ଅପିଲ୍‌କର୍ତ୍ତାଙ୍କୁ ‘ସମନ୍’ ବା ଅଲବତ୍ ହାଜିର୍ ହେବାକୁ ବାଧ୍ୟ କରିବାକୁ ଚାହାଁନ୍ତି । ଏହି ସଂଶୋଧନ ଗୃହୀତ ହେଲେ ଆଉ କୌଣସି ବ୍ୟକ୍ତି ସମନ୍ ଭୟରେ କମିଶନ୍‌ଙ୍କ ନିକଟରେ ଅଭିଯୋଗ କି ଅପିଲ୍ କରିବାର ଅପସାହାସ କରିବେ ନାହିଁ ।

**(୩)** ଦ୍ୱିତୀୟ ବୈଠକର ବିବରଣୀରେ ଓଡିଶା ସୂଚନା କମିଶନ୍ (ଅପିଲ୍ ପଦ୍ଧତି) ନିୟମାବଳୀର ନିୟମ-୭ରେ ଏକ ନୂତନ ବ୍ୟବସ୍ଥା ଯୋଡିବା ପାଇଁ କୁହାଯାଇଛି । ଯଦି ଜୀବନ ବା ସାଧୀନତା ସଂପର୍କୀତ କୌଣସି ଅପିଲ୍ ଆଗତ ହୁଏ, ତେବେ ତାହାର ପ୍ରାପ୍ତିତାରିଖ ଅନୁଯାୟୀ କ୍ରମିକ ସଂଖ୍ୟା ଯାହା ହେଉନା କାହିଁକି, ତାକୁ ପ୍ରଥମେ ଶୁଣାଣି ପାଇଁ ଅଗ୍ରାଧିକାର ଦିଆଯିବ । ମୂଳ ଆଇନ୍‌ର ଧାରା ୭(୧)ର ପରନ୍ତୁକ ଦୃଷ୍ଟିରୁ ଏହା ଆପାତତଃ ଏକ ସମୁଚିତ ବ୍ୟବସ୍ଥା ବୋଲି ମନେ ହୁଏ । କିନ୍ତୁ ଆମେ ଜାଣି ରଖିବା ଉଚିତ୍ ଯେ, ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟ କମିଶନ୍ ଅପିଲ୍ ଓ ଅଭିଯୋଗର ପ୍ରାପ୍ତିତାରିଖ ଓ କ୍ରମିକ-ସଂଖ୍ୟା ନିର୍ଣ୍ଣୟ କ୍ଷେତ୍ରରେ ଏକ ଅତୀବ ଗୋପନୀୟ ଅଭ୍ୟାସ ଆଚରଣ କରିଆସୁଛନ୍ତି । କମିଶନ୍‌ଙ୍କର ଯେ କୌଣସି ନିଷ୍ପତ୍ତିରେ କେବଳ କ୍ରମିକ ସଂଖ୍ୟା ରହୁଛି, କିନ୍ତୁ ପ୍ରାପ୍ତି ତାରିଖ ନାହିଁ । କମିଶନ୍‌ଙ୍କ ନିଷ୍ପତ୍ତିକୁ ପଢି ଜଣେ ବ୍ୟକ୍ତି ଜାଣି ପାରିବେ ନାହିଁ ଯେ, ସଂପୃକ୍ତ ଅଭିଯୋଗ ବା ଅପିଲ୍ କେଉଁ ତାରିଖରେ କମିଶନ୍‌ଙ୍କର ହସ୍ତଗତ ହେଲା ଏବଂ କେତେଦିନର ବ୍ୟବଧାନ ପରେ ଏହାର ପ୍ରଥମ ଶୁଣାଣି ହେଲା । ଏହାଛଡା ପ୍ରାପ୍ତିତାରିଖ ସଂବନ୍ଧରେ ଏହି ଗୋପନୀୟତା ବ୍ୟବସ୍ଥା ଯୋଗୁଁ କମିଶନ୍ ଏ ଯାବତ୍ ଆଉ ଗୋଟିଏ ଅବାଂଛିତ ଆଚରଣ ଘଟାଇ ଚାଲିଛନ୍ତି । ତାହା ହେଉଛି, ‘ଜନସ୍ୱାର୍ଥ’ର ଦୁହାଇ ଦେଇ ଆଗେ ମିଳିଥିବା କେଶ୍‌କୁ ପଛକୁ ରଖି ପଛେ ମିଳିଥିବା କେଶ୍‌କୁ ମନମୁଖୀ ଭାବେ ଆଗତୁରା ଶୁଣାଣି କରିବା । ଏହି ପରିପ୍ରେକ୍ଷିରେ ପୁଣି ଉଲ୍ଲେଖନୀୟ ଯେ, କମିଶନ୍ ଆଉ ଏକ ମାରାତ୍ମକ କୁପରମ୍ପରା ମୂଳରୁ ସୃଷ୍ଟି କରିଛନ୍ତି, ତାହା ହେଲା ଧାରା-୪ ଅଧୀନସ୍ଥ ସ୍ୱୟଂ-ପ୍ରକଟନୀୟ ସୂଚନା ସମ୍ବନ୍ଧରେ ନାଗରିକମାନଙ୍କ ଠାରୁ କୌଣସି ଅଭିଯୋଗ ଆସିଲେ, ତାକୁ ପଂଜିକରଣ ନକରି ନଷ୍ଟ କରିଦେବା । ସୁତରାଂ ପ୍ରସ୍ତାବିତ ସଂଶୋଧନରେ ଧାରା-୪ ସଂପର୍କୀତ କେଶ୍ ସମେତ ପ୍ରତି କେଶ୍‌ର ପଂଜିକରଣ ତାରିଖ ଓ କ୍ରମିକ ସଂଖ୍ୟା ସୂଚୀତ କରି ସଂପୃକ୍ତ ଅଭିଯୋକ୍ତା ବା ଅପିଲ୍‌କର୍ତ୍ତାଙ୍କ ନିକଟକୁ କମିଶନ୍‌ଙ୍କ ଦପ୍ତରରୁ ସଙ୍ଗେସଙ୍ଗେ ଏକ ପ୍ରାପ୍ତି ସ୍ୱୀକାର ଚିଠି ପଠାଇବା ତଥା ପ୍ରତି କେଶ୍‌ର ନିଷ୍ପତ୍ତିରେ କ୍ରମିକ ସଂଖ୍ୟା ସହିତ ପ୍ରାପ୍ତି ତାରିଖ ସ୍ଥାନିତ କରିବାର ବ୍ୟବସ୍ଥା ରଖାଯିବା ଜରୁରୀ । ନିୟମାବଳୀରେ ପ୍ରଥମେ ଏ ପ୍ରକାର ମୌଳିକ, ଅପରିହାର୍ଯ୍ୟ ସଂଶୋଧନ ନଆଣି ‘ଜୀବନ ଓ ସାଧୀନତା’ର ଦୁହାରେ କେଶ୍‌ଗୁଡିକର ଶୁଣାଣି ଆରମ୍ଭ ତାରିଖକୁ ଆଗପଛ କରିବାର କ୍ଷମତା କମିଶନ୍‌ଙ୍କୁ ଦେବାର ଅର୍ଥ କମିଶନ୍‌ଙ୍କୁ ଅଧିକ ସ୍ୱେଚ୍ଛାଚାରୀ କରାଇବା ।

## ଚରମ ଦୁର୍ଗତିର ପଥେ

ଆମେ ଲକ୍ଷ୍ୟ କଲେ, ରାଜ୍ୟରେ ସୂଚନା ଅଧିକାର ଆଇନ୍ ପାଇଁ କାର୍ଯ୍ୟରତ ଓଡିଶା ଖାଦ୍ୟ ଅଧିକାର ଅଭିଯାନ ସମେତ ବ୍ୟକ୍ତିବିଶେଷ ଓ ସିଭିଲ୍ ସୋସାଇଟି ସଂଗଠନମାନଙ୍କ ସହ ପରାମର୍ଶ କିମ୍ବା ସେମାନଙ୍କ ମତାମତକୁ ବିଚାରକୁ ନନେଇ ରାଜ୍ୟସରକାର ଏକ ତଥାକଥିତ କମିଟି ଗଠନ କରି କେବଳ ରାଜ୍ୟ ସୂଚନା କମିଶନ୍‌ଙ୍କ ପରାମର୍ଶ ଆଧାରରେ ବର୍ତ୍ତମାନର ନିୟମାବଳୀକୁ ଅଧିକ ବେଆଇନ୍, ବିଭ୍ରାନ୍ତିକର ଓ ଜନବିରୋଧୀ ମାର୍ଗରେ ସଂଶୋଧନ କରିବା ପାଇଁ ଯାଉଛନ୍ତି । ଜନମତ ଲୋଡିବାର ଯେଉଁ ବିଧିସମ୍ମତ ପ୍ରକ୍ରିୟାକୁ ଉଲ୍ଲଂଘନ କରି ରାଜ୍ୟ ସରକାର ଅତୀତରେ ହଠାତ୍ ଦିନେ

ଚରମ ଜନବିରୋଧୀ ଏବଂ ଅବୈଧ ରାଜ୍ୟ ସୂଚନା ଅଧିକାର ନିୟମାବଳୀ ୨୦୦୫କୁ ଲଦି ଦେଇଥିଲେ, ଠିକ୍ ସେହି କାଇଦାରେ ପ୍ରସ୍ତାବିତ ସଂଶୋଧନକୁ ଲଦି ଦେବାକୁ ବସିଛନ୍ତି । ପ୍ରସ୍ତାବିତ ସଂଶୋଧନର ବୌଦ୍ଧିକ ଓଜନ ବଢାଇବାର ଅଭିସନ୍ଧି ରଖି ଜଣେ କମିଟି ସଭ୍ୟଙ୍କୁ ଓଡିଶାର ପ୍ରାକ୍ତନ ଆଡ୍‌ଭୋକେଟ୍ ଜେନେରାଲ୍ ଭାବେ ଭୂଷିତ କରାଯାଇଛି, ଯାହାକି ଏକ ମସ୍ତବଡ ମିଥ୍ୟାଚାର । ଅନ୍ୟତମ ସଭ୍ୟ ଭାବେ ନିଆଯାଇଛି ପ୍ରଫେସର୍ ରାଧାମୋହନଙ୍କୁ, ଯେ କି ସୂଚନା କମିଶନର୍ ଥିବା ବେଳେ ଚରମ ଅଜ୍ଞତା ଓ ଅପାରଗତା ଦେଖାଇବା କାରଣରୁ ତାଙ୍କ ବିରୁଦ୍ଧରେ ଆଇନ୍‌ର ଧାରା ୧୭ ଅଧୀନରେ ଅନେକ ଅଭିଯୋଗ ରାଜ୍ୟପାଳଙ୍କ ନିକଟରେ ଦାଏର୍ କରାଯାଇଛି ଏବଂ ସେଗୁଡିକ ବିଚାରାଧୀନ ଅଛି । ବର୍ତ୍ତମାନର ଯେଉଁ ଦୁଇଜଣ ସୂଚନା କମିଶନର୍‌ଙ୍କ ସୁପାରିଶ୍ କ୍ରମେ ବର୍ତ୍ତମାନର ସଂଶୋଧନ ପ୍ରସ୍ତାବ ପ୍ରସ୍ତୁତ ହୋଇଛି, ନିକଟ ଅତୀତରେ ସେମାନେ ନିଜକୁ ଜାତୀୟ ସ୍ତରରେ ଶ୍ରେଷ୍ଠ ବୋଲି ଦେଖାଇବା ପାଇଁ ଗଣମାଧ୍ୟମରେ ଯେଉଁ ନିର୍ଭେଜାଲ୍ ମିଥ୍ୟାଚାରର ଆଶ୍ରୟ ନେଇଥିଲେ, ତାହା ବିରୁଦ୍ଧରେ ରାଜ୍ୟପାଳଙ୍କ ନିକଟରେ ଧାରା ୧୭ ଅଧୀନରେ ନୈତିକ ଭ୍ରଷ୍ଟତାର ଅଭିଯୋଗ ମଧ୍ୟ ବିଚାରାଧୀନ ଅଛି । ଏହାଛଡା, କମିଟି ତରଫରୁ ଯେଉଁମାନେ ବି ସଂଶୋଧନ ଖସଡା ପ୍ରସ୍ତୁତ କରିଛନ୍ତି, ସେମାନଙ୍କର ଆଇନ୍, ଭାଷାଜ୍ଞାନ ତଥା ଜାତୀୟ ବା ଅନ୍ୟ ରାଜ୍ୟର ସ୍ଥିତି ସମ୍ବନ୍ଧରେ ଚରମ ଅଜ୍ଞତା ଜଳଜଳ ଦେଖାଯାଉଛି । ଏଠାରେ ସୂଚନାଯୋଗ୍ୟ, ବର୍ତ୍ତମାନର ସୂଚନା ଓ ଲୋକସଂପର୍କ ବିଭାଗର ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାମଲ ଗତ ୨୩ ଅକ୍ଟୋବର ୨୦୦୯ରେ ଓଡିଶା ଖାଦ୍ୟ ଅଧିକାର ଅଭିଯାନ ତରଫରୁ ଭୁବନେଶ୍ୱରରେ ଅନୁଷ୍ଠିତ ଏକ କର୍ମଶାଳାରେ ଉପସ୍ଥିତ ରହି ରାଜ୍ୟ ନିୟମାବଳୀ ଓ କମିଶନ୍‌ଙ୍କ କାର୍ଯ୍ୟଧାରାକୁ ନେଇ ଲାଗି ରହିଥିବା ସମସ୍ୟାବଳୀ ସମ୍ବନ୍ଧରେ ଅବହିତ ହୋଇଥିଲେ ତଥା ଏସବୁର ଯଥାଶୀଘ୍ର ସଂଶୋଧନ ପାଇଁ ପ୍ରତିଶୃତି ଦେଇଥିଲେ । କିନ୍ତୁ ବିସ୍ମୟର କଥା, ବର୍ତ୍ତମାନ ସରକାରଙ୍କ ତରଫରୁ ଯେଉଁ ସଂଶୋଧନ ପ୍ରସ୍ତାବ ଆସିଛି, ତାହା ବର୍ତ୍ତମାନର ସମସ୍ୟାବଳୀକୁ କାଣିଚାଏ ଲାଘବ କରିବା ଦୂରର କଥା, ସେଗୁଡିକୁ ଆହୁରି ଜଟିଳ କରିଦେବ । ମୋଟ୍ ଉପରେ କହିଲେ, ଏହି ସଂଶୋଧନ ପ୍ରସ୍ତାବ ଯଦି କାର୍ଯ୍ୟକାରୀ ହୁଏ, ତେବେ ସୂଚନା ପାଇଁ ଆବେଦନ ଏବଂ ସୂଚନା ସଂଗ୍ରହ କରିବାର ପୂର୍ବ ସମସ୍ୟାବଳୀ ତ ଲାଗି ରହିବ, ସର୍ବୋପରି ରାଜ୍ୟ ସୂଚନା କମିଶନ୍ 'ସମନ୍'ର ଯମଦଣ୍ଡ ଦେଖାଇ ଏଭଳି ଏକ ପରିସ୍ଥିତି ସୃଷ୍ଟି କରିବେ, ଯାହା ଫଳରେ ଓଡିଶାର କୌଣସି ଗରିବ ବା ସାଧାରଣ ବ୍ୟକ୍ତି କୌଣସି ଅମଲା ବିରୁଦ୍ଧରେ ଆଉ ଅଭିଯୋଗ କି ଅପିଲ୍ କରିବାକୁ ସାହାସ କରିବେ ନାହିଁ, ଏବଂ ତାହାହିଁ ହେବ ଓଡିଶାରେ ବର୍ତ୍ତମାନ ଶୀତଳ ଭଣ୍ଡାରରେ କ୍ରମ ପଚମାନ ଅବସ୍ଥାରେ ପଡି ରହିଥିବା ନିଷ୍ପ୍ରାଣ ସୂଚନା ଅଧିକାର ବ୍ୟବସ୍ଥାର ଚରମ ସମାଧି ।

**Chitta Behera, 4A Jubilee Tower, Choudhury Bazar, Cuttack-9, Mobile- 9437577546, Dt- 28th Feb 2010**